GOVERNMENT OF ODISHA
TOURISM & CULTURE (CULTURE) DEPARTMENT

* * * * *

No.____________/DC, Date -

From

Shri Sushil Kumar Das, OAS (SAG),
Director, Culture & Addl. Secretary to Govt.,
Tourism & Culture (Culture) Department.

To

The Publication Manager,
Information & Public Relation Department,
Odisha, Bhubaneswar.

**Sub.: - Publication of advertisement.**

Sir,

I am to send herewith a draft advertisement in Odia which may please be published immediately in three leading Odia dailies i.e. ***"The Samaja", "Dharitri" and "Sambad"***.

The matter may please be broadcasted / telecasted in All India Radio and Doordarshan free of cost as news item.

Yours faithfully,

**Director, Culture & Addl. Secy. to Govt.**

**Memo No.____________/DC, Date -**

Copy with copy of the advertisement forwarded to the Private Secretary to the Principal Secretary to Govt., Tourism & Culture (Culture) Department, Odisha, Bhubaneswar for kind information ~~to~~ of the Principal Secretary to Govt.

**Director, Culture & Addl. Secy. to Govt.**

**Memo No.____________/DC, Date -**

Copy with copy of the advertisement forwarded to the Station Director, All India Radio, Cuttack / Jeypore / Bhawanipatna / Baripada and Director, Doordarshan, Bhubaneswar for information with a request to broadcast / telecast the advertisement free of cost for wide publicity in public interest.

**Director, Culture & Addl. Secy. to Govt.**

**Memo No.____________/DC, Date -**

Copy with copy of the advertisement forwarded to the Director, Raja Rammohun Roy Library Foundation, Block-DD-34, Sector-1, Salt Lake City, Kolkata-64 for kind information and necessary action.

**Director, Culture & Addl. Secy. to Govt.**

**Memo No.____________/DC, Date -**

Copy with copy of the advertisement forwarded to All Collectors / All DCOs / Secretary, Odisha Sahitya Akademi, Bhubaneswar for information and necessary action.

**Director, Culture & Addl. Secy. to Govt.**

**Memo No.____________/DC, Date -**

Copy with copies of the application forms (5 sets) in soft copy forwarded to Sri R. N. Behera, Technical Director, NIC, Bhubaneswar / Sri S. Tripathy, Portal Head, State Portal Group, IT Centre, Secretariat, Bhubaneswar / Project Director, M/s Luminus Infoways Pvt. Ltd., N-6/373, IRC Village, Bhubaneswar for inclusion of the same in HKM State Library Website: http://www.hkmsl.gov.in, Culture Department Website: http://www.orissaculture.gov.in respectively.

**Director, Culture & Addl. Secy. to Govt.**

# ବିଜ୍ଞାପନ

## (Non-Matching Scheme)

### ରାଜା ରାମମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନ ଯୋଜନାରେ ସାହାଯ୍ୟ ପାଇଁ ଦରଖାସ୍ତ ଆହ୍ୱାନ ।

୧. ପୂର୍ବବର୍ଷ ପରି ଚଳିତ ୨୦୧୨–୧୩ ବର୍ଷ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ମାଧ୍ୟମରେ ରାଜା ରାମମୋହନ ରାୟ ପାଠାଗାର ସଂସ୍ଥା ସାହାଯ୍ୟ କାର୍ଯ୍ୟକ୍ରମ ନିମ୍ନଲିଖିତ Non-Matching Scheme କ୍ଷେତ୍ର ପାଇଁ ଉପଲବ୍ଧ ହେବ ।

୨. ଅନ୍ତତଃ ବିଗତ ତିନିବର୍ଷ ପୂର୍ବରୁ ୧୮୬୦ ମସିହା ସୋସାଇଟି ରେଜିଷ୍ଟ୍ରେସନ ଆଇନ ଅନ୍ତର୍ଗତ ରେଜିଷ୍ଟ୍ରିଭୁକ୍ତ ସର୍ବସାଧାରଣ ପାଠାଗାର, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ସାହାଯ୍ୟ ଲାଭ କରିପାରିବେ ।

୩. ଏଥିପାଇଁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ଜିଲ୍ଲା ସଂସ୍କୃତି ଅଧିକାରୀ / ଉପ ନିର୍ଦ୍ଦେଶକ, ସଂସ୍କୃତି ତଥା ରାଜ୍ୟସ୍ତରୀୟ ପାଠାଗାର କମିଟି ଆବାହକ / ରାଜା ରାମମୋହନ ରାୟ Website - http://www.rrrlf.gov.in ରୁ ଉପଲବ୍ଧ ହେବ ଏବଂ Culture Department website - http://www.orissaculture.gov.in ରେ ମଧ୍ୟ ଏହି ଫର୍ମ ଉପଲବ୍ଧ ହେବ ।

୪. ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ରାଜା ରାମମୋହନ ରାୟ ପାଠାଗାର ସଂସ୍ଥା Non-Matching ଯୋଜନାରେ ଉଲ୍ଲିଖିତ ନିମ୍ନ ନିୟମାବଳୀକୁ ପୂରଣ କରୁଥିବା ଇଚ୍ଛୁକ ତଥା ଯୋଗ୍ୟ ସର୍ବସାଧାରଣ ପାଠାଗାର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ସେମାନଙ୍କର ଆବେଦନ ପତ୍ର ଗୁଡ଼ିକୁ ସଂପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ / ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟରେ ତା ୦୧.୧୧.୨୦୧୨ ରିଖ ଠାରୁ ୩୦.୧୧.୨୦୧୨ ସୁଦ୍ଧା ଦାଖଲ କରିପାରିବେ ।

୫. ଅସମ୍ପୂର୍ଣ୍ଣ ଏବଂ ନିର୍ଦ୍ଧାରିତ ସମୟ ପରେ ପଠାଯାଇଥିବା ଦରଖାସ୍ତ ଗୁଡ଼ିକ ବିଚାରକୁ ନିଆଯିବ ନାହିଁ ।

୬. ଦରଖାସ୍ତକାରୀ ଅନୁଷ୍ଠାନ ନିମ୍ନ ସର୍ତ୍ତାବଳୀ ପୂରଣ କରୁଥିବେ :

(କ) କେବଳ ତିନିବର୍ଷ ପୂର୍ବରୁ ରେଜିଷ୍ଟ୍ରିଭୁକ୍ତ ପାଠାଗାର / ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକ ଆବେଦନ କରିପାରିବେ ।

(ଖ) ସେମାନଙ୍କର ନିଜସ୍ୱ ଘର ଥିବା ବିଧେୟ । ଭଡ଼ାଘରେ ଥିଲେ ମଧ୍ୟ ଅନୁଦାନ ଦିଆଯାଇପାରେ ।

(ଗ) ସର୍ବସାଧାରଣ ଦେଖିପାରୁଥିବା ଓ ଜାଣିପାରୁଥିବା ଭଳି ନାମ ଫଳକ ବ୍ୟବହୃତ ହେଉଥିବା ଦରକାର ।

(ଘ) ସର୍ବସାଧାରଣ ସେବାରେ ପାଠାଗାର ଗୃହ ସମ୍ପୂର୍ଣ୍ଣ ବ୍ୟବହାର ହେଉଥିବା ଦରକାର । ଏଥିପାଇଁ ଏକ ଏଫିଡ଼େଭିଟ୍ ଦାଖଲ କରିବେ ।

(ଙ) ସର୍ବନିମ୍ନ ୧୦୦ (ଶହେ) ଜଣ ହିତାଧିକାରୀଙ୍କ ପାଇଁ ପାଠାଗାରଟି ବ୍ୟବହୃତ ହେଉଥିବା ଦରକାର, ଅନ୍ୟଥା ଅନୁଦାନ ଦିଆଯିବ ନାହିଁ ।

(ଚ) ଆବେଦନ ସହିତ ଗତ ତିନିବର୍ଷର ବାର୍ଷିକ ବିବରଣୀ, ସଭ୍ୟ ତାଲିକା, ଅଡିଟ୍ ରିପୋର୍ଟ, ସମ୍ବିଧାନ ବିବରଣୀ ଦାଖଲ କରିବେ ।

(ଛ) ପାଠାଗାରର ନିଜସ୍ୱ କୋଠା ଥିଲେ ଅଗ୍ରାଧିକାର ଦିଆଯିବ । କୌଣସି ସଭ୍ୟଙ୍କ ଘରେ ଏହା କାର୍ଯ୍ୟ କରୁଥିଲେ ବିଚାର କରାଯିବ ନାହିଁ ।

(ଜ) ପାଠାଗାର ସହାୟତା ନିମିତ୍ତ ବିବେଚିତ ହେବା ପାଇଁ ସର୍ବନିମ୍ନ ୨୦୦୦ ଖଣ୍ଡ ପୁସ୍ତକ ଥିବା ଦରକାର ଓ ପାଞ୍ଚଖଣ୍ଡ ପତ୍ରିକା ଆସୁଥିବା ବିଧେୟ ।

(ଝ) ପୂର୍ବରୁ ରାଜା ରାମମୋହନ ରାୟ ପାଠାଗାର ଯୋଜନାରେ ସହାୟତା ପାଇଥିଲେ ସମ୍ପୃକ୍ତ ସଂସ୍ଥା ନାମରେ କୌଣସି ବିନିଯୋଗ ପତ୍ର ବକେୟା ନ ଥିବା ବିଧେୟ ।

୭. ସର୍ବସାଧାରଣ ପାଠାଗାର ସେବା ପାଇଁ ସାହାଯ୍ୟ / ଅନୁଦାନ : (Non-Matching Grant)

(କ) ପୁସ୍ତକ ଗୃହୋପକରଣ ସରଞ୍ଜାମ ଓ କମ୍ପ୍ୟୁଟର କ୍ରୟ ପାଇଁ (ଟ.୧,୫୦,୦୦୦/–), (ଅତି କମରେ ଦଶବର୍ଷ ପାଇଁ କାର୍ଯ୍ୟକରିଥିବା ସାର୍ବଜନୀନ ପୁସ୍ତକାଳୟକୁ କମ୍ପୁଟର କ୍ରୟ ପାଇଁ ସହାୟତା ଦିଆଯାଇପାରିବ ।)

(ଖ) ପାଠାଗାର ଗୃହ ନିର୍ମାଣ ପାଇଁ ସର୍ବାଧିକ (ଟ.୪,୫୦,୦୦୦/–) । ଏଥିପାଇଁ (ଗ୍ରାମାଞ୍ଚଳ ପାଇଁ ସର୍ବନିମ୍ନ ୨୦୦୦ ପୁସ୍ତକ ଏବଂ ସହରାଞ୍ଚଳ ପାଇଁ ୩୦୦୦ ପୁସ୍ତକ ସହିତ ପାଠାଗାର ନାମରେ ଜମି ଏବଂ ପକ୍କା ଥିବା ବିଧେୟ । ଜମିର ରେଜିଷ୍ଟ୍ରି ଦଲିଲ ଓଡ଼ିଆ ଭାଷାରେ ହୋଇଥିଲେ ତାହାର ଏକ ଇଂରାଜୀ ରୂପାନ୍ତରର ଏକ ପ୍ରାମାଣିକ ନକଲ ତଥା ସରକାରୀ ଓକିଲଙ୍କ ଠାରୁ ଯାଞ୍ଚ ହୋଇଥିବାର ପ୍ରମାଣପତ୍ର ଏବଂ ମୋକଦ୍ଦମା ଭଳି କନ୍ଦଳରୁ ମୁକ୍ତ ତଥା ସିଲିଂ ଦ୍ୱାରା ଆକ୍ରାନ୍ତ ହୋଇନଥିବା ପ୍ରମାଣ ସଂଲଗ୍ନ ଥିବା ଆବଶ୍ୟକ ।

(ଗ) ଶିଶୁ ପାଠାଗାର ସହିତ ମହିଳା ତଥା ବରିଷ୍ଠ ନାଗରିକଙ୍କ ପଠନାଗାର ପାଇଁ ସାହାଯ୍ୟ ଅନୁଦାନ ଏଥିପାଇଁ ଟ.୫୦ ହଜାର ଶିଶୁ ପାଠାଗାର, ଟ.୫୦ ହଜାର ମହିଳା, ଟ.୫୦ ହଜାର ବରିଷ୍ଠ ନାଗରିକ, ଟ.୨୦ ହଜାର ନବସାକ୍ଷରଙ୍କ ପାଇଁ ଏବଂ କ୍ୟାରିୟର ଗାଇଡ୍ ଲାଇନ୍ ପାଇଁ ଟ.୫୦ ହଜାର ପର୍ଯ୍ୟନ୍ତ ସାହାଯ୍ୟ ମିଳିପାରିବ ।

(ଘ) ସ୍ୱତନ୍ତ୍ର ଶିଶୁ ପାଠାଗାର କର୍ଣ୍ଣର ପାଇଁ ଟ.୨,୦୦,୦୦୦/– ପର୍ଯ୍ୟନ୍ତ ଅନୁଦାନ ମିଳିପାରିବ ।

(ଙ) ଅନୁଷ୍ଠାନର ୫୦ତମ, ୬୦ତମ, ୭୫ତମ, ୧୦୦ତମ ଆଦି ବାର୍ଷିକୀ ପାଳନ ପାଇଁ ସାହାଯ୍ୟ ଅନୁଦାନ : – ଏଥିପାଇଁ ଟ.୧.୦୦ ଲକ୍ଷରୁ ଆରମ୍ଭ କରି ଟ.୧.୫୦ ଲକ୍ଷ ପର୍ଯ୍ୟନ୍ତ ଅନୁଦାନ ମିଳିପାରିବ ଏବଂ ବାର୍ଷିକୀ ପାଳନ କରୁଥିବା ଅନୁଷ୍ଠାନର ଆଧୁନିକୀକରଣ ପାଇଁ ୧୦୦ ବର୍ଷ ପୂରଣ କରୁଥିବା ପାଠାଗାରକୁ ଟ.୧ ଲକ୍ଷର ଅନୁଦାନ ମିଳିପାରିବ ଏବଂ ଗ୍ରାମାଞ୍ଚଳରେ ୫୦ ବର୍ଷ ପୂର୍ତ୍ତି କରିଥିବା ପାଠାଗାରର ବହି କିଣିବା ପାଇଁ ଟ.୧୫,୦୦୦/– ଓ ଆସବାବପତ୍ର କିଣିବା ପାଇଁ ଟ.୧୦,୦୦୦/– ଅନୁଦାନ ଦିଆଯାଇପାରିବ ।

(ଚ) ସ୍ୱତନ୍ତ୍ର ବିକଳାଙ୍ଗ କର୍ଣ୍ଣର ସ୍ଥାପନ ନିମିତ୍ତ ରାଜ୍ୟ ଗ୍ରନ୍ଥାଗାର ପାଇଁ ଟ.୧୦ ଲକ୍ଷ, ଜିଲ୍ଲା ପାଠାଗାର ପାଇଁ ଟ.୭ ଲକ୍ଷ ଏବଂ ଅନୁ ମଣ୍ଡଳୀୟ (Sub-Divisional Libraries) ପାଠାଗାର ପାଇଁ ଟ.୫ ଲକ୍ଷ ପର୍ଯ୍ୟନ୍ତ ଅନୁଦାନ ଦିଆଯାଇପାରିବ ।

*ବି.ଦ୍ର.: ଆବେଦନକାରୀମାନେ ସେମାନଙ୍କର ଦରଖାସ୍ତ ଗୁଡ଼ିକୁ ସଂପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ତା ୩୦.୧୧.୨୦୧୨ ରିଖ ମଧ୍ୟରେ ଦାଖଲ କରିପାରିବେ । ଅଧିଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡ଼ିକୁ ସଂପୃକ୍ତ ସଂସ୍କୃତି ଅଧିକାରୀ ମାନେ ବିଜ୍ଞାପନର ସର୍ତ୍ତାବଳୀ ଅନୁଯାୟୀ ତନଖି କରି ଯୋଗ୍ୟ ବିବେଚିତ ଅନୁଷ୍ଠାନ ଗୁଡ଼ିକର ଅଗ୍ରାଧିକାର ଭିତ୍ତିରେ ପ୍ରସ୍ତୁତ ତାଲିକା (Prioritise List) ସହିତ ଆବେଦନ ପତ୍ର ଗୁଡ଼ିକୁ ନିର୍ଦ୍ଦେଶକ, ସଂସ୍କୃତି ବିଭାଗଙ୍କ କାର୍ଯ୍ୟାଳୟରେ ତା ୧୫.୧୨.୨୦୧୨ ରିଖ ସୁଦ୍ଧା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଦାଖଲ କରିବାକୁ ଅନୁରୋଧ। ନିର୍ଦ୍ଧାରିତ ତାରିଖ ପରେ କିମ୍ବା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟ ବ୍ୟତୀତ ସିଧାସଳଖ ଭାବରେ ଦାଖଲ ହୋଇଥିବା ଆବେଦନ ପତ୍ର ଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ ।*

ନିର୍ଦ୍ଦେଶକ, ସଂସ୍କୃତି,
ଓଡ଼ିଶା, ଭୁବନେଶ୍ୱର ।